**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**24th September - 2024**

**News Editor : *Itishree Singh Rathaur***

**************************************

***Desk***

# ଏକକ ପରିଚୟ ପତ୍ର

ରାଜ୍ୟର ସମସ୍ତ ସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଏକକ ପରିଚୟ ପତ୍ର ମିଳିବ । ଆଧାର କାର୍ଡ଼ ପରି ଏକ ସ୍ୱତନ୍ତ୍ର ଆଇ.ଡି. କାର୍ଡ଼ ପ୍ରସ୍ତୁତ କରାଯିବ । ଶିକ୍ଷାଗତ ଯୋଗ୍ୟତାଠାରୁ ଆରମ୍ଭ କରି ସଫଳତାର ସମସ୍ତ ତଥ୍ୟ ଏହି କାର୍ଡ଼ରେ ରହିବ । ଛାତ୍ରଛାତ୍ରୀଙ୍କ ପାଇଁ ଅଟୋମେଟେଡ୍ ପର୍ମାନେଟ୍ ଏକାଡେମିକ୍ ଆକାଉଣ୍ଟ ରେଜିଷ୍ଟ୍ରି – 'ଆପାର' ବ୍ୟବସ୍ଥା କରାଯିବ । ଏନେଇ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକରଣ ପ୍ରାଧିକରଣ – ଓସେପା ପକ୍ଷରୁ ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ବ୍ଲକ୍ ଶିକ୍ଷା ଅଧିକାରୀମାନଙ୍କ ପତ୍ର ଲେଖାଯାଇଛି । ସୂଚନା ଅନୁସାରେ ଗତବର୍ଷ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ନୂତନ ଜାତୀୟ ଶିକ୍ଷାନୀତି ଅନୁସାରେ 'ଆପାର' ଆଇ.ଡି. ପ୍ରସ୍ତୁତ କରିବାପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଏହାକୁ କାର୍ଯ୍ୟକାରୀ କରିବାପାଇଁ ଆସନ୍ତା ୩୦ ତାରିଖରୁ ଅଭିଭାବକମାନଙ୍କ ସହ ଏକ ସ୍ୱତନ୍ତ୍ର ବୈଠକ କରାଯିବ ବୋଲି ଜଣାପଡ଼ିଛି ।

*Desk*

# ଚିତ୍ରାଙ୍କନ ପ୍ରତିଯୋଗିତା

ରାଜ୍ୟର ବିଦ୍ୟାଳୟଗୁଡ଼ିକରେ ଶକ୍ତି ସଂରକ୍ଷଣ ନେଇ ଜାତୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଦୁଇଟି ବର୍ଗରେ 'ଶକ୍ତି ସଂରକ୍ଷଣ, ପରିବେଶ ସୁରକ୍ଷା ଏବଂ ଶକ୍ତି ସଞ୍ଚୟ' ଶୀର୍ଷକ ନେଇ ଏହି ପ୍ରତିଯୋଗିତା କରାଯିବ । ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ବ୍ଲକ୍ ଶିକ୍ଷା ଅଧିକାରୀ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ଏନେଇ ପତ୍ର ଲେଖାଯାଇଛି । ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ରାଶି ପ୍ରଦାନ କରାଯିବ ।

*Desk*

# ସୁପ୍ରିମ୍‌କୋର୍ଟ - ଶିଶୁ ଯୌନ ଶୋଷଣ

ରାଜ୍ୟ ସରକାର ଶିଶୁ ଯୌନ ଶୋଷଣ ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଆପଣେଇବେ ବୋଲି ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ କୁହାଯାଇଛି । ସୁପ୍ରିମ୍‌କୋର୍ଟଙ୍କ ରାୟକୁ ସରକାର ସମର୍ଥନ ଜଣାଇବା ସହ କୌଣସି ପ୍ରକାର ଶିଶୁ ଯୌନ ଶୋଷଣକୁ ବରଦାସ୍ତ କରାଯିବ ନାହିଁ ବୋଲି କୁହାଯାଇଛି । ପୋକ୍ସୋ ଆଇନ ଅନ୍ତର୍ଗତ ଶିଶୁ ଅଶ୍ଳୀଳ ଭିଡ଼ିଓ ଦେଖିବା, ଡାଉନ୍‌ଲୋଡ୍ କରିବା ଏକ ଦଣ୍ଡନୀୟ ଅପରାଧ ବୋଲି ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶନାମା ଜାରି କରିଛନ୍ତି । ରାଜ୍ୟରେ ଏହି ଅପରାଧ ରୋକିବା ଓ

ଦୋଷୀକୁ ଦଣ୍ଡ ଦେବାପାଇଁ ଏକ ଟାସ୍କ ଫୋର୍ସ ଗଠନ କରାଯିବ । ସୁପ୍ରିମ୍‌କୋର୍ଟଙ୍କ ସୁପାରିସ ଅନୁଯାୟୀ ପୀଡ଼ିତମାନଙ୍କୁ ସରକାର ସହାୟତା ଯୋଗାଇଦେବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି । ଶିଶୁ ଶୋଷଣ ବିରୋଧରେ କଠୋର ଆଇନଗତ ଢାଞ୍ଚା ପ୍ରସ୍ତୁତ କରିବାପାଇଁ ସରକାର ପ୍ରତିବଦ୍ଧ ଥିବା ବିଭାଗ ପକ୍ଷରୁ କୁହାଯାଇଛି ।

***Desk***

# ଖାଦ୍ୟ ପ୍ରକ୍ରିୟାକରଣ

ରାଜ୍ୟରେ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ବ୍ୟାପକ ସମ୍ଭାବନା ରହିଛି ବୋଲି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ କହିଛନ୍ତି । ନୂଆଦିଲ୍ଲୀର ପ୍ରଗତି ମଇଦାନରେ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ୱାଲର୍ଡ ଫୁଡ୍ ଇଣ୍ଡିଆ-୨୦୨୪ରେ ଯୋଗଦେଇ ଶ୍ରୀ ମଲ୍ଲିକ କହିଛନ୍ତି, ଖାଦ୍ୟଶିଳ୍ପ ବିକାଶ ପାଇଁ ଆବଶ୍ୟକ ସୁବିଧା ଯୋଗାଣ, ଭିତ୍ତିଭୂମି, ବଜାର ଏବଂ ଔଦ୍ୟୋଗିକତାର ଆବଶ୍ୟକତା ରହିଛି । ଏଦିଗରେ ଓଡ଼ିଶା ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଓଡ଼ିଶାରେ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ଥିବା ନିବେଶ ସମ୍ଭାବନା ନେଇ ଆଲୋଚନା ହୋଇଥିଲା ।

*Desk*

## ଆଇ.ଆଇ.ଏମ୍. - ଏ.ଆଇ.

ସମ୍ବଲପୁରସ୍ଥିତ ଭାରତୀୟ ପ୍ରବନ୍ଧନ ସଂସ୍ଥାନ - ଆଇ.ଆଇ.ଏମ୍.ରେ କୃତ୍ରିମ ବୁଦ୍ଧିମତ୍ତାକୁ ବ୍ୟାପକ ଭାବେ କାର୍ଯ୍ୟକାରୀ କରିବାକୁ ଘୋଷଣା କରାଯାଇଛି । ଏହି କ୍ରମରେ କୃତ୍ରିମ ବୁଦ୍ଧିମତ୍ତା ପଦ୍ଧତିରେ ଅଧ୍ୟାପକ ଶିକ୍ଷାଦାନ କରିବେ ବୋଲି ଅନୁଷ୍ଠାନର ଦଶମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ସଂସ୍ଥାନର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟଶ୍ୱାଲ୍ କହିଛନ୍ତି । ସେ କହିଛନ୍ତି, ସଂସ୍ଥାନରେ ଥିବା ଇନ୍‌କ୍ୟୁବେସନ୍ ସେଣ୍ଟର ଅଧୀନରେ ୬୦ରୁ ଅଧିକ ଷ୍ଟାର୍ଟଅପ୍‌ର ବିଶ୍ୱସ୍ତରୀୟ ଭିତ୍ତିଭୂମି ସୃଷ୍ଟି କରାଯାଇ ଆନ୍ତର୍ଜାତିକ ସହଯୋଗକୁ ପ୍ରୋତ୍ସାହିତ କରାଯାଉଛି ଏବଂ ଏକ ପରିବର୍ତ୍ତନଶୀଳ ଅନୁଭୂତିପାଇଁ କୃତ୍ରିମ ବୁଦ୍ଧିମତ୍ତାର ଉପଯୋଗ ଆରମ୍ଭ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଇନୋଭେସନ୍, ଡିଜାଇନ୍ ଏବଂ ଉଦ୍ୟୋଗ ବୁଟ୍ କ୍ୟାମ୍ପ୍‌ର ଦ୍ୱିତୀୟ ସଂସ୍କରଣର ଶୁଭାରମ୍ଭ ହୋଇଛି ।

*Desk*

## ଶାରଦୀୟ ଷୋଳପୂଜା

ଆଶ୍ୱିନ କୃଷ୍ଣ ଅଷ୍ଟମୀ ତିଥି ମୂଳାଷ୍ଟମୀ ଅବସରରେ ଆଜିଠାରୁ ପୁରୀ ଶ୍ରୀମନ୍ଦିରରେ ମାଆ ବିମଳାଙ୍କ ଷୋଳପୂଜା ଆରମ୍ଭ ହେଉଛି । ଏହି ଅବସରରେ ଦେବୀ ଦୁର୍ଗାଙ୍କ ସହସ୍ର କୁମ୍ଭାଭିଷେକ ଓ ଦେବୀ ଉତ୍ଥାପନ ନୀତି

ଅନୁଷ୍ଠିତ ହେବ । ଏଥିନିମନ୍ତେ ଶ୍ରୀନଅରରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ସ୍ତୋତ୍ରୀୟ ବ୍ରାହ୍ମଣମାନଙ୍କୁ ବରଣ କରି ଦୁର୍ଗାପୂଜାର ଶୁଭାରମ୍ଭ କରିବେ ।

ସେହିଭଳି ଆଜିଠାରୁ ମା' କଟକଚଣ୍ଡୀଙ୍କର ମଧ୍ୟ ଷୋଡ଼ଶ ଉପଚାର ପୂଜା ଆରମ୍ଭ ହେଉଛି ।

***Kandhamal/R***

# ପୌର ଅଧ୍ୟକ୍ଷ

ଫୁଲବାଣୀ ପୌର ପରିଷଦର ନୂତନ ଅଧ୍ୟକ୍ଷ ଭାବେ ପାୟଲ ବେହେରା ଦାୟିତ୍ୱ ଗ୍ରହଣ କରିଛନ୍ତି । ନଗର ଉନ୍ନୟନ ବିଭାଗର ବିଜ୍ଞପ୍ତି ପରେ କନ୍ଧମାଳ ଜିଲ୍ଲାପାଳ ଉପାଧ୍ୟକ୍ଷ ଥିବା ପାୟଲ ବେହେରାଙ୍କୁ ଅଧ୍ୟକ୍ଷ ଭାବେ ଦାୟିତ୍ୱ ନ୍ୟସ୍ତ କରିଥିଲେ । ସୂଚନାଯୋଗ୍ୟ, ପୂର୍ବରୁ ଅଧ୍ୟକ୍ଷ ଥିବା ସ୍ମିତାରାଣୀ ମହାନ୍ତି ଆସ୍ଥା ଭୋଟ୍‌ରେ ହାରିଯିବା ପରେ ଏହି ପଦବୀ ଗତ ଜୁଲାଇ ମାସରୁ ଖାଲି ପଡ଼ିଥିଲା ।

***Desk***

# ପାଣିପାଗ

ଦେଶର କେତେକ ଅଞ୍ଚଳରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରତ୍ୟାବର୍ତ୍ତନ ପ୍ରକ୍ରିୟା ଆରମ୍ଭ କରିଛି । ଅନ୍ୟପକ୍ଷରେ ବଙ୍ଗୋପସାଗରରେ

ସକ୍ରିୟ ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଯାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆଗାମୀ ୨୪ ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୨୦ଟି ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି ।

*****